# Akashvani, Sambalpur

## SAMBALPURI NEWS EVENING BULLETIN

## 4 October 2024- 7.02 pm- 7.12 pm.

*******************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାଥି ଚାଷୀମାନ୍‌କୁ ଦେବେ ୧୮ ନମ୍ବର୍ କିସ୍ତି ।

୨- ଗରିବ୍ ଲୁକ୍‌କୁ ୪ ଡିସ୍‌ମିଲ୍ ଜମି ଦେବାର୍ ପ୍ରକ୍ରିୟାର୍ ସର୍ଭେ କାମ୍ ଶେଷ୍ ଖେପେ ପୁହୁଁଚିଛେ- କହେଲେ ରାଜସ୍ୱ ମନ୍ତ୍ରୀ ।

୩- ଗାଁ ଇଲାକାକେ ଜୁଡ଼୍‌ବାର୍ ଲାଗି ୫ ଶହ ଟା ନୂଆଁ ସେତୁ ତିଆର୍ କର୍‌ବାର୍‌କେ ଯୋଜ୍‌ନା ରହିଛେ- କହେଲେ ପଂଚାୟତିରାଜ୍ ମନ୍ତ୍ରୀ ।

ଆଉର୍

୪- ଶ୍ରୀକ୍ଷେତ୍ର ପୁରୀ ନ ହବିଷ୍ୟାଲୀ ମାନ୍‌କର୍ ରହେବାର୍ ଲାଗି ଆଏବା ରଏବାର୍‌ନୁ ମୁଲ୍ ହେବା ପଞ୍ଜିକରଣ୍ ।

ପିଏମ୍ କିଷାନ୍ ଯୋଜ୍ନା ଏନ୍ଏସ୍ଡି

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ମହାରାଷ୍ଟ୍ରନୁ ପ୍ରଧାନ୍ମନ୍ତ୍ରୀ କିଷାନ୍ ସମ୍ମାନ୍ ନିଧି - ପିଏମ୍ କିଷାନ୍ ଯୋଜ୍ନାଥି ଚାଷୀମାନ୍କୁ ୧୮ ନମ୍ବର୍ କିସ୍ତି ଦେବେ । ୯ କୋଟିନୁ ଅଏତ୍କା ଚାଷୀମାନ୍କର୍ ଏକାଉଂଟ୍କେ ଡିବିଟି ଜରିଏ ୨୦ ହଜାର୍ କୋଟିନୁ ଅଏତ୍କା ଟଙ୍କା ଛଡ଼ାଯିବା ବଲି ସୂଚ୍ନା ମିଲିଛେ । ଇତାର୍ସଙ୍ଗେ ପ୍ରଧାନ୍ମନ୍ତ୍ରୀ ମହାରାଷ୍ଟ୍ର ନ ଭିନ୍ ଭିନ୍ ପ୍ରକଳ୍ପର୍ ଶୁଭାରମ୍ଭ କର୍ବେ ।

ଇ ଅବ୍ସରେ ରାଏଜେ ଜିଲ୍ଲାସ୍ତର୍ ନ ଚାଷୀମାନ୍କର୍ ଉପସ୍ଥିତିଥି ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍ମାନ୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ ଆର୍ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, କେନ୍ଦ୍ର ସର୍କାର୍ଙ୍କର୍ ତର୍ଫୁ ୨୦୧୯ ମସିହା ଫେବୃଆରୀ ୨୪ ତାରିଖ୍ନୁ ପିଏମ୍ କିଷାନ୍ ଯୋଜନା ମୁଲ୍ ହେଇଥିଲା । ଇ ଯୋଜ୍ନାଥି ଫି' ବଛର୍ ୩ ଟା କିସ୍ତିଥି ଚାଷୀମାନ୍କୁ ୬ ହଜାର୍ ଟଙ୍କା ଦିଆଯାଉଛେ ।

ରାଜ୍ୟ ସର୍କାର୍- ୪ ଡିସ୍ମିଲ୍ ଜମି ଆର୍ଏନ୍ୟୁ/ସମ୍ବଲପୁର

ଗରିବ୍ ଲୁକ୍‌କୁ ୪ ଡିସ୍‌ମିଲ୍ ଜମି ଦେବାର୍‌ଟା ରାଜ୍ୟ ସର୍‌କାର୍‌ଙ୍କର୍ ପ୍ରାଥମିକତା ଆଏ । ଇଥିର୍‌ଲାଗି ଚାଲିଥିବା ସର୍ଭେ କାମ୍ ଶେଷ୍ ଖେପେ ପୁହୁଁଚିଲାନ ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଗଣମାଧ୍ୟମ୍‌କେ ମନ୍ତ୍ରୀ କହିଛନ୍ ଯେ, ଗରିବ୍ ଲୋକ୍ କେନ୍ତା ଜମି ପାଏବେ ସେଟା ସର୍‌କାର୍‌ଙ୍କର୍ ଲକ୍ଷ୍ୟ । ରାଏଜେ ଏଛେନ୍ ଜବର୍‌ଦଖଲ୍ ଉଛେଦ୍ ପ୍ରକ୍ରିୟା ମୁଲ୍ ହେଇଛେ । ଯେନ୍ ଲୋକ୍‌ମାନେ ସାଧାରଣ ଜମି ସାଙ୍ଗେ ଜଙ୍ଗଲ୍ ଜମିକେ ଜବର୍‌ଦଖଲ୍ କରିକରି ରଖିଛନ୍ । ସେମାନ୍‌କର୍ ବିରୋଧ୍ ନ କାର୍ଯ୍ୟାନୁଷ୍ଠାନ୍ ହେବା । ସେମାନ୍‌କର୍ ପାଖୁ ଜମିକେ ମୁକ୍ତ କରାଯାଇକରି ଗରିବ୍ ଲୁକ୍‌କୁ ଦିଆଯିବା ବଲି ମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍ ଯେ, ଯେନ୍ ଜାଗାମାନ୍ ଗରିବ୍ ଲୁକ୍‌କର୍ ଦଖଲ୍‌ଥି ଅଛେ । ସେଟା ଯଦି ଆପତିଜନକ୍ ନାଇଁ ହେଇଥିବା ବେଲେ ସେହି ଜାଗା ନ ସେମାନ୍‌କୁ ୪ ଡିସ୍‌ମିଲ୍ ଜମି ଦିଆଯିବା ବଲି ମନ୍ତ୍ରୀ କହିଛନ୍ ।

ସେତୁ କର୍ମଶାଳା ସୂଚନା ଲୋକସମ୍ପର୍କ ବିଭାଗ

ରାଜ୍ୟ ସର୍‌କାର୍ ଗାଁ ଇଲାକାକେ ଜୁଡ଼୍‌ବାର୍ ଲାଗି ୫ ଶହ ଟା ନୂଆଁ ସେତୁ ତିଆର୍ କର୍‌ବାର୍‌କେ ଯୋଜ୍‌ନା କରିଛନ୍ ବଲି ପଂଚାୟତ୍‌ରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ ।

ଭୁବ୍‌ନେଶ୍ୱର୍ ନ କେନ୍ଦ୍ର ସର୍‌କାର୍‌ଙ୍କର୍ ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରଣାଳୟ ଆର୍ ରାଜ୍ୟ ସର୍‌କାର୍ ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ ତର୍‌ଫୁ କରାଯାଉଥିବା ଜାତୀୟସ୍ତରୀୟ ୨ ଦିନିଆ ସେତୁ କର୍ମଶାଳାକେ ଉଦ୍‌ଘାଟନ୍ କରିକରି ମନ୍ତ୍ରୀ କହିଛନ୍ ଯେ, ଗ୍ରାମୀଣ ସଡ଼କ୍ ସଂଯୋଗୀକରଣ୍ ବା ଗ୍ରାମୀଣ ସଡ଼କ୍ ଜୁଡ଼୍‌ବାର୍ ପ୍ରକ୍ରିୟା ଗାଁ ଇଲାକାର୍ ସାମାଜିକ ଆର୍ ଅର୍ଥନୈତିକ ବିକାଶ୍‌କେ ତ୍ୱରାନ୍ୱିତ କରିଛେ । ଇ କର୍ମଶାଳାଥି ୨୫ ଟା ରାଜ୍ୟର୍ ୨ ଶହ ନୁ ଅଏତ୍‌କା ସେତୁ ବିଶେଷଜ୍ଞମାନେ ଯୋଗ୍ ଦେଇଛନ୍ ।

ବିଜୁ ପଟ୍ଟନାୟକ୍ ଅନ୍ତର୍ଜାତୀୟ ବିମାନ୍ ବନ୍ଦର ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ବିଜୁ ପଟ୍ଟନାୟକ୍ ଅନ୍ତର୍ଜାତୀୟ ବିମାନ୍ ବନ୍ଦର୍ ନ ଘରୋଇ ଆଉ ଅନ୍ତର୍ଜାତୀୟ ଯାତ୍ରୀଙ୍କର୍ ଆବଶ୍ୟକତାକେ ନଜର୍‌ଥି ରଖିକରି ନୂଆଁ ଟର୍ମିନାଲ୍ ତିଆର୍ କରାଯିବା ବଲି କେନ୍ଦ୍ର ବେସାମରିକ ବିମାନ୍ ଚଲାଚଲ୍ ମନ୍ତ୍ରୀ କେ. ରାମ୍‌ମୋହନ୍ ନାଇଡୁ କହିଛନ୍ । ଭୁବ୍‌ନେଶ୍ୱର୍ ନ ହେଇଥିବା ଗୁଟେ ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେଇକରି ମନ୍ତ୍ରୀ କହିଛନ୍ ଯେ, ଆଏବା ୨ ବଛର୍ ଭିତ୍‌ରେ ଟର୍ମିନାଲ୍ ତିଆର୍ କାମ୍ ଶେଷ୍ ହେବା ।

ଦୁର୍ଗାପୂଜା- ବର୍‌ଗଡ଼୍ ବର୍‌ଗଡ଼୍ ସମ୍ବାଦଦାତା

ମାତୃ ଶକ୍ତି ଉପାସନା ଆମର୍ ସଂସ୍କୃତିର୍ ବହୁତ୍ ପୁରନା ଆଏ । ପ୍ରକୃତି ର୍ ଉପାସନା ନୁ ଶକ୍ତି ପୂଜା ର୍ ମୁଲ୍ ହେସି । ଇଥିର୍‌ଲାଗି ବରଗଡ଼ ଜିଲ୍ଲାର ଭିନ୍ ଭିନ୍ ଜାଗା ନ ମା ଦୁର୍ଗାଙ୍କର୍ ଷୋହଳ ପୂଜା ଚାଲିଛେ । ଜିଲ୍ଲାର୍ ଶକ୍ତି ପୀଠ ମାନ୍‌କେ ଶୋଳ ପୂଜା ଆର୍ ନବରାତ୍ର ପୂଜା ଭକ୍ତିମୟ ପରିବେଶଥି ହେଉଛେ । ଇ ବାବ୍‌ଦେ ବରଗଡ଼ ସମ୍ବାଦଦାତା ଉମେଶ ଚନ୍ଦ୍ର ବିଶ୍ୱାଳଙ୍କର୍ ଗୁଟେ ରିପୋର୍ଟ ।

(ଭଏସ୍ ଓଭର୍- ବର୍‌ଗଡ଼୍ ସମ୍ବାଦଦାତା)

ପୁରୀ- ହବିଷ୍ୟାଳି ଆର୍‌ଏନ୍‌ୟୁ/ କଟକ୍

ଚଲ୍‌ତିବଛର୍ ଶ୍ରୀକ୍ଷେତ୍ର ପୁରୀ ନ ହବିଷ୍ୟାଲିମାନ୍‌କର୍ ଲାଗି ହବିଷ୍ୟାଲୀ ଯୋଜ୍‌ନାଥି ୨ ହଜାର୍ ୫ ଶହ ଝନ୍‌କୁ ପଞ୍ଜିକରଣ୍ କରାଯିବା । ଆଏବା ରଏବାର୍‌ନୁ ୧୧ ତାରିଖ୍‌ତକ୍ ଅନ୍‌ଲାଇନ୍ ଜରିଏ ଇ ପଞ୍ଜିକରଣ୍ ଚାଲ୍‌ବା । ଇ ଯୋଜ୍‌ନାଥି ନାଁ ପଞ୍ଜିକରଣ୍ କର୍‌ବାର୍‌କେ ଥିବାର୍ ହବିଷ୍ୟାଲୀମାନେ ଇ-ଡିଷ୍ଟ୍ରିକ୍ଟ ଡଟ୍ ଓଡ଼ିଶା ଡଟ୍ ଗଭ୍ ଡଟ୍

ଇନ୍ ୱେବ୍‌ସାଇଟ୍ ଜରିଏ ପଞ୍ଜିକରଣ୍ କରିପାର୍‌ବେ । ସ୍ୱଟ୍ ପଞ୍ଜିକରଣ୍ ଇ ବଛର୍ ନାଇଁ ହୁଏ । ହବିଷ୍ୟାଲିମାନ୍‌କର୍ ରହେବାର୍ ଲାଗି ୪ ଟା ଶିବିର୍ ଆଉ ମାହାଲିଆ ମହାପ୍ରସାଦ୍ ଖାଏବାର୍ ବ୍ୟବସ୍ଥା କରାଯାଇଛେ ।

ଡାକ୍ତର୍ ନିଯୁକ୍ତି- ସ୍ୱାସ୍ଥ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖୋବ୍ ଜଲ୍‌ଦି ୩ ହଜାର୍ ଡାକ୍ତର୍‌ଙ୍କୁ ଭିନ୍ ଭିନ୍ ମେଡ଼ିକାଲ୍ କଲେଜ୍ ଆର୍ ଗାଁ ଇଲାକା ନ ନିଯୁକ୍ତି ଦିଆଯିବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଆଏଜ୍ ବୁର୍ଲା ଭୀମ୍‌ସାର୍ ନ ଗୁଟେ କାର୍ଯ୍ୟକ୍ରମ୍‌ଥି ଆସିଥିବାର୍ ବେଲେ ଗଣମାଧ୍ୟମ୍‌କେ ମନ୍ତ୍ରୀ କହିଛନ୍ ଯେ, ଆୟୁଷ୍ମାନ୍ ଯୋଜ୍‌ନାଥି ଦେଶର୍ ୨୭ ହଜାର୍ ମେଡ଼ିକାଲ୍ ଅନୁବନ୍ଧିତ ହେବା । ସେନ୍ତା ଗୋପବନ୍ଧୁ ଯୋଜ୍‌ନାଥି ଭିଲ୍ ଲୁକେ ସ୍ୱାସ୍ଥ୍ୟସେବା ନଉଛନ୍ ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଲୟ ସମାବର୍ତ୍ତନ୍ ଉତ୍ସବ

ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଲୟର୍ ୩୪ ନମ୍ବର୍ ସମାବର୍ତ୍ତନ୍ ଉତ୍ସବ୍ ଆଏଜ୍ ହେଇଯାଇଛେ । ଇ ଉତ୍ସବ୍‌ଥି ଉତରାଂଚଲ୍ ରାଜସ୍ୱ

କମିଶନର୍ ସଚିନ୍ ରାମଚନ୍ଦ୍ର ଯାଦବ୍ ସମ୍ମାନିତ ଅତିଥି ଭାବେ ଯୋଗ୍ ଦେଇଥିଲେ । ଭିନ୍ ଭିନ୍ କ୍ଷେତ୍ରଥି ସଫଲତା ହାସଲ୍ କରିଥିବା ୩ ଝନ୍‌କୁ ଡିଲିଟ୍ ସମ୍ମାନ୍ ଦିଆଯାଇଥିବାର୍ ବେଲେ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ୍ କ୍ଷେତ୍ରଥି ସଫଲତା ଲାଗି ନୀଳମାଧବ ପଣ୍ଡାଙ୍କୁ ସମ୍ମାନ୍‌ଜନକ୍ ଡକ୍ଟରେଟ୍ ଉପାଧି ଦିଆଯାଇଛେ । ସେନ୍ତା ୪୯ ଝନ୍‌କୁ ପିଏଚ୍‌ଡ଼ି ସାର୍ଟିଫିକେଟ୍ ଦିଆଯାଇଥିବାର୍ ବେଲେ ୫୮ ଝନ୍ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ୍ ମିଲିଛେ । ବିଶ୍ୱବିଦ୍ୟାଳୟର୍ କୁଳପତି ବିଧୁଭୂଷଣ୍ ମିଶ୍ରଙ୍କର୍ ଅଧକ୍ଷତାଥି ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ମୁଖ୍ୟବକ୍ତା ଭାବେ ଭୁବ୍‌ନେଶ୍ୱର୍ ନାଇଜର୍‌ର ନିର୍ଦ୍ଦେଶକ ହିତେନ୍ଦ୍ର ନାଥ ଘୋଷ ଯୋଗ୍‌ଦେଇଥିଲେ ।

## ବର୍‌ଗଡ଼୍ ବିଦ୍ୟୁତ୍ ଯୋଗାଣ ବନ୍ଦ୍

ସମ୍ବଲପୁର୍ ସମ୍ବାଦଦାତା

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ୍ ଲିମିଟେଡ୍ - ଓପିଟିସିଏଲ୍ ତର୍‌ଫୁ ବ୍ରଜରାଜ୍‌ନଗର୍ ଗ୍ରୀଡ୍ ସବ୍‌ଷ୍ଟେସନ୍ ନ ରକ୍ଷଣାବେକ୍ଷଣ୍ କାମ୍ କରାଯିବା । ଇଥିର୍‌ଲାଗି ଆଏବା କାଏଲ୍ ଝାର୍‌ସୁଗୁଡ଼ା ଜିଲ୍ଲା ନ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା ବଲି ଟିପିଡବ୍ଲୁଓଡିଏଲ୍ ତର୍‌ଫୁ ସୂଚ୍‌ନା ମିଲିଛେ । ଜିଲ୍ଲାର୍ ବଡ଼ଯୋବ, ବଲଣ୍ଡା, ବନ୍ଧବାହାଲ୍, ବ୍ରଜରାଜ୍‌ନଗର୍, ଗାନ୍ଧୀଛକ, ଗଣେଶ୍‌ନଗର୍, ବେଲ୍‌ପାହାନ୍ ଟାଉନ୍ ଆର୍ ଇତାର୍ ଆଖର୍‌ପାଖର୍ ଇଲାକା

ନ ଆଏବା କାଏଲ୍ ସଖାଲର୍ ୭ ବଜେନୁ ଉପର୍‌ବେଲା ୪ ବଜେତକ୍ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା ।

ବୌଦ୍ଧ- ଡାକ୍ତର୍‌ଖାନା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ନ ତିଆର୍ ହେଉଥିବା ୩ ଶହ ଶଯ୍ୟାର ଡାକ୍ତର୍‌ଖାନା କାମ୍ ଜଲ୍‌ଦି ସର୍‌ଲେ ମୁଖ୍ୟମନ୍ତ୍ରୀ ଇଟାକେ ଉଦ୍‌ଘାଟନ୍ କର୍‌ବେ ବଲି ବିଧାୟକ୍ ଆର୍ ସର୍‌କାରୀ ଦଲର୍ ମୁଖ୍ୟ ସଚେତକ ସରୋଜ୍ କୁମାର୍ ପ୍ରଧାନ୍ କହିଛନ୍ । ଆଏଜ୍ ଜିଲ୍ଲା ନ ହେଇଥିବା ରୋଗୀ କଲ୍ୟାଣ୍ ସମିତିର୍ ବୈଠକ୍‌ଥି ଯୋଗ୍ ଦେଇକରି ସେ ଇଟା କହିଛନ୍ । ବୈଠକ୍‌ଥି ଜିଲ୍ଲା ନ ସ୍ୱାସ୍ଥ୍ୟସେବାକେ ଗୁରୁତ୍ୱ ଦେବାର୍ ସଙ୍ଗେ ମେଡ଼ିକାଲ୍ କଲେଜ୍ ଲାଗି ତୟାରି କରାଯିବାର୍ ଉପ୍‌ରେ ଆଲୋଚନା ହେଇଛେ । ଇ ବୈଠକ୍‌ଥି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ସର୍‌କାରୀ ନିୟମ୍‌କେ ନଜର୍‌ଥି ରଖିକରି ସବୁ ଯୋଜ୍‌ନାକେ କାର୍ଯ୍ୟକାରୀ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ପରାମର୍ଶ ଦେଇଥିଲେ ।

ଯକ୍ଷ୍ମା ପ୍ରତିଷେଧକ ଟୀକା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଆଏଜ୍ ଜିଲ୍ଲା ଆଉ ବ୍ଲକ୍‌ସ୍ତରଥି ପ୍ରାପ୍ତ ବୟସ୍କ ଲୁକ୍‌କର୍ ଲାଗି ଯକ୍ଷ୍ମା ପ୍ରତିଷେଧକ ଟୀକାକରଣ୍ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରାଯାଇଛେ । ବୌଦ୍ଧ

ଟାଉନ୍‌ହଲ୍‌ଠାନେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର୍ ଜୟକୃଷ୍ଣ ମିଶ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସମାରୋହଥି ମୁଖ୍ୟଅତିଥି ଭାବେ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଯୋଗ୍ ଦେଇଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଜିଲ୍ଲା ନ ବିସିଜି ଟୀକା ନେବାର୍ ଲାଗି ୮୨ ହଜାର୍ ଯୋଗ୍ୟ ହିତାଧିକାରୀ ଅଛନ୍ । ଆଏବା ୨ ମାସ୍ ତକ୍ ଜିଲ୍ଲାର୍ ସବୁ ଛୋଟ୍‌ବଡ଼ ସ୍ୱାସ୍ଥ୍ୟକେନ୍ଦ୍ର ନ ଇମାନ୍‌କର୍ ଟୀକାକରଣ୍ କରାଯିବା ।

ଶ୍ରୀମନ୍ଦିର୍ - ଚାଉଳ ନିଲାମ୍ ଆର୍‌ଏନ୍‌ୟୁ/ କଟକ୍

ଶ୍ରୀମନ୍ଦିର୍ ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ୍ ଆଘୋନୁ ଠୁଲାଯାଇଥିବା ଅର୍ପଣ ଚାଉଲ୍ ଭିତ୍‌ରୁ ଗଚ୍ଛିତ କରି ରଖାଯାଇଥିବା ୧୦ ହଜାର୍ ୩ ଶହ ୨୨ କ୍ୱିଂଟାଲ୍ ଚାଉଲ୍‌ର ଗଲାକାଏଲ୍ ନିଲାମ୍ ପ୍ରକ୍ରିୟା ଶେଷ୍ ହେଇଛେ । ଇ ପ୍ରକ୍ରିୟାଥି ୫ ଝନ୍ ମିଲର୍ ଭାଗ୍ ନେଇଥିଲେ । ୨ କୋଟି ୮୬ ଲାଖ୍ ୯୬ ହଜାର୍ ୨ ଶହ ୪୪ ଟଙ୍କାଥି ସବୁ ଚାଉଲ୍ ନିଲାମ୍ ହେଇଥିବା ଜନାପଡ଼ିଛେ । ନିଲାମ ଟଙ୍କା ଶ୍ରୀମନ୍ଦିର୍ ପ୍ରଶାସନ୍‌କେ ଦିଆଯିବା ବଲି ଜିଲ୍ଲାପାଲ୍ ସିଦ୍ଧାର୍ଥ ଶଙ୍କର୍ ସ୍ୱାଇଁ କହିଛନ୍ ।

ନୂଆପଡ଼ା- ଆନ୍ତଃଶ୍ରେଣୀ ପ୍ରତିଯୋଗିତା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସଦର୍ ମହକୁମା ନେସ୍‌ନାଲ୍ କଲେଜ୍ ନ ବିଦ୍ୟାର୍ଥୀଙ୍କର୍ ଆନ୍ତଃଶ୍ରେଣୀ ପ୍ରତିଯୋଗିତା ହେଇଯାଇଛେ । ଇଥି ଯୁକ୍ତ ଦୁଇ ଆଉ ଯୁକ୍ତ ୩ ର ଛାତ୍ରଛାତ୍ରୀଙ୍କର୍ ଭିତ୍‌ରେ ବେଡ୍‌ମିଂଟନ୍, ଚେସ୍ ଆର୍ କେରମ୍ ପ୍ରତିଯୋଗିତା ହେଇଥିଲା । ଇ ପ୍ରତିଯୋଗିତାଥି କୃତି ଛାତ୍ରଛାତ୍ରୀମାନେ ଆଏବା ଦିନେ ହେବାର୍‌କେ ଥିବାର୍ ଯୁକ୍ତ ଦୁଇ କାଉନ୍‌ସିଲ୍ ଆଉ ଯୁକ୍ତ ୩ ବିଶ୍ୱବିଦ୍ୟାଳୟସ୍ତରୀୟ ଖେଲ୍‌କୁଦ୍ ପ୍ରତିଯୋଗିତାଥି ଭାଗ୍ ନେବେ ବଲି କଲେଜ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ଅବସରପ୍ରାପ୍ତ ଅଗ୍ନିବୀର ଆର୍‌ଏନ୍‌ୟୁ/ କଟକ୍

ଅବସରପ୍ରାପ୍ତ ଅଗ୍ନିବୀରଙ୍କର୍ ନିଯୁକ୍ତି ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ଆଏଜ୍ ବିଜ୍ଞପ୍ତି ବାହାରିଛେ । ୟୁନିଫର୍ମ ସେବାଥି ସଂରକ୍ଷଣ୍ ଆର୍ ବୟସସୀମାଥି କୋହଲ ବାବ୍‌ଦେ ତଥ୍ୟ ବିଜ୍ଞପ୍ତିଥି ରହିଛେ । ଅଗ୍ନିବୀରଙ୍କର୍ ଲାଗି ୟୁନିଫର୍ମ ସେବାଥି ୧୦ ପ୍ରତିଶତ୍ ସଂରକ୍ଷଣ୍ ରହେବା ।

ଆନ୍ତଃଜିଲ୍ଲା ପୁରୁଷ ଫୁଟ୍‌ବଲ ପ୍ରତିଯୋଗିତା ବର୍‌ଗଡ଼୍

ସମ୍ବାଦଦାତା

ବର୍ଗଡ଼୍ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମ୍ ନ ହେଉଥିବା ୬୩ ନମ୍ବର୍ ଆନ୍ତଃଜିଲ୍ଲା ପୁରୁଷ ଫୁଟ୍‌ବଲ୍ ପ୍ରତିଯୋଗିତାଥି ବର୍ଗଡ଼୍ ଦଲ୍ ଫାଇନାଲ୍‌ଥି ପୁହୁଁଚିଛେ । ଆଏଜ୍ ବର୍ଗଡ଼୍ ଆର୍ ରାଉର୍‌କେଲା ଭିତ୍‌ରେ ସେମିଫାଇନାଲ୍ ମେଚ୍ ହେଇଥିଲା । ଇଥି ବର୍ଗଡ଼୍ ଦଲ୍ ରାଉର୍‌କେଲାକେ ୪-ଶୂନ୍ ଗୋଲ୍‌ଥି ହରେଇଛେ । ଆଏବା ରଏବାର୍ ଦିନ ବାରିପଦା ଷ୍ଟାଡ଼ିୟମ୍ ନ ବର୍ଗଡ଼୍ ଆର୍ ମୟୁର୍‌ଭଞ୍ଜ୍ ଭିତ୍‌ରେ ଫାଇନାଲ୍ ମେଚ୍ ହେବା ବଲି ସୂଚ୍‌ନା ମିଲିଛେ ।